**+3 4th SEM (NEP)**
**ODI-C-1P-8 (MAJ)**

APRIL, 2026

# ଆଧୁନିକ ଓଡ଼ିଆ କବିତା

ପୂର୍ଣ୍ଣସଂଖ୍ୟା : ୧୦୦ ସମୟ : ୩.୦୦ ଘ.

## (କ – ବିଭାଗ)

ନଂ.୧. ଗୋଟିଏ ଶବ୍ଦ ବା ବାକ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ । (୧x୧୦=୧୦)

କ) ଯୁଧିଷ୍ଠିରଙ୍କୁ ବାଲ୍ୟକାଳରେ କିଏ ଧନୁଶିକ୍ଷା ପ୍ରଦାନ କରିଥିଲେ ?

(i) ଭୀଷ୍ମ (ii) ଦ୍ରୋଣ (iii) କୃପାଚାର୍ଯ୍ୟ (iv) ଶଲ୍ୟ

ଖ) ହୃଦୟ ଜଳୁଥିଲେ ମଧ୍ୟ ମେଘ କ'ଣ ଦେବାକୁ ବାଧ୍ୟ ହୋଇଥାଏ ?

ଗ) ଶ୍ରୀଗୁରୁଙ୍କ ଭୂଷଣ ବୋଲି କାହାକୁ କୁହାଯାଇଛି ?

ଘ) 'ବିଚ୍ଛେଦେ' କବିତାଟି ଭକ୍ତକବି ମଧୁସୂଦନଙ୍କ ……….. କବିତା ସଂକଳନରୁ ସଂଗୃହୀତ ।

ଙ) କାହା ଉଦ୍ଦେଶ୍ୟରେ 'ନିମିଷକ ଦେଖା' କବିତା ରଚିତ ?

ଚ) 'ଶାରଦ ଦିନାନ୍ତେ'ର ଅର୍ଥ କ'ଣ ?

ଛ) 'ବୀରରାଣୀ ଶୁକଦେଈ' କେଉଁ ଧରଣର କବିତା ?

ଜ) ଆକାଶର ମେଘକୁ ଦେଖି ଯୁବକ ଯୁବତୀମାନେ କ'ଣ କରନ୍ତି ?

ଝ) ପ୍ରତିମାର ଓଠରେ କବି କ'ଣ ଦେଖୁଛନ୍ତି ?

ଞ) କବି କାହାକୁ ମାଆ ବୋଲି ଡାକିବାକୁ ଚାହିଁଛନ୍ତି ?

## (ଖ – ବିଭାଗ)

ନଂ.୨. ୫୦ଟି ଶବ୍ଦ ମଧ୍ୟରେ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର । (୨ x ୯=୧୮)

କ) ରାହୁଗ୍ରସ୍ତ ଶଶିକଳା ପରି କିଏ କାହିଁକି ଦେଖାଗଲା ?

ଖ) ରାମଚନ୍ଦ୍ର ବକ୍ଷକୁ କେଉଁ କର୍ମ କରିବାକୁ କହିଛନ୍ତି ?

ଗ) କେଉଁ ଶିଷ୍ୟକୁ ଗୁରୁ ପାଖରୁ ଦୂର କରିବା ଅନୁଚିତ୍ ?

ଘ) ସଂସାରରେ କିଏ ଦରିଦ୍ର ଓ କିଏ ଦରିଦ୍ରତର ?

ଙ) ଶେଫାଳିର ଶରୀର କିପରି ଗଠିତ ବୋଲି କବି କହିଛନ୍ତି ?

ଚ) ଅପମାନରେ ଖୋର୍ଦ୍ଧାରାଜା ଶୁକଦେଈଙ୍କୁ ପ୍ରଥମେ କ'ଣ କହିଲେ ?

ଛ) କବି ମେଘର ପ୍ରେୟସୀକୁ କେଉଁ କେଉଁ ନାମରେ ସମ୍ବୋଧନ କରିଛନ୍ତି ?

ଜ) କର୍ଣ୍ଣଙ୍କର ରଥଚକକୁ କେତେବେଳେ ମେଦିନୀ ଗ୍ରାସ କଲା ?

ଝ) 'ମୃତ୍ୟୁ ସମ୍ପର୍କରେ' କବିତାର କବି କିଏ ? ତାଙ୍କ ରଚିତ ଦୁଇଟି କବିତା ସଂକଳନର ନାମ ଲେଖ ।

## (ଗ – ବିଭାଗ)

ନଂ.୩. ୨୫୦ଟି ଶବ୍ଦ ମଧ୍ୟରେ ଯେକୌଣସି ଆଠଟି ପ୍ରଶ୍ନର ଉତ୍ତର ଲେଖ । (୫ x ୮=୪୦)

କ) ରାଜାଙ୍କୁ ଜଳଧର ସହ ତୁଳନା କରିବାର ତାତ୍ପର୍ଯ୍ୟ ବିଶ୍ଳେଷଣ କର ।

ଖ) ଗୁରୁଙ୍କ ସେବା ଶିଷ୍ୟଟିଏ କିପରି କରିବା ଉଚିତ୍ ପଠିତ କବିତା ଆଧାରରେ ବୁଝାଇ ଦିଅ ।

ଗ) ପଠିତ କବିତା ଭିତ୍ତିରେ ପ୍ରକୃତରେ ଧନୀ କିଏ ?

ଘ) 'କ୍ଷଣକର କ୍ଷୀଣ ବନ୍ଧନେ ବାନ୍ଧିଥିଲେ ଜଗତେ' – ଏହାର ଭାବାର୍ଥ ଲେଖ ।

ଙ) 'ନୀଚ ମଧ୍ୟେ ଉଚ୍ଚ ସୃଷ୍ଟି ବିଧାତାର ବିଚାର' – ଏହାର ମର୍ମାର୍ଥ ଲେଖ ।

ଚ) ବୃଦ୍ଧମନ୍ତ୍ରୀଙ୍କ ପ୍ରସ୍ତାବରେ ରାଣୀ ଶୁକଦେଈ କି ଉତ୍ତର ଦେଲେ ?

ଛ) ମେଘର ଡାକ ଶୁଣୁ ନଥିବା ନାୟିକାକୁ କବି କ'ଣ କହିଛନ୍ତି ?

ଜ) ଅତୀତର ଦୁଇବର୍ଷ ପ୍ରତିମା ନାୟକ ପାଇଁ କିପରି ଭୟଙ୍କର ଥିଲା, ବୁଝାଇ ଲେଖ ।

ଝ) ଗ୍ରାମପଥକୁ କାହିଁକି ଆସିବା ଜନର ସାକ୍ଷୀ ଓ ଫେରିବା ଜନର ବନ୍ଧୁ ବୋଲି କୁହାଯାଇଛି ?

ଞ) କବିଙ୍କ ଦୃଷ୍ଟିରେ ମୃତ୍ୟୁର ସ୍ୱରୂପ କିପରି, ସଂକ୍ଷେପରେ ଆଲୋଚନା କର ।

## (ଘ - ବିଭାଗ)

ନଂ.୪. ୫୦୦ଟି ଶବ୍ଦ ମଧ୍ୟରେ ଯେକୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ । (୮ x ୪=୩୨)

କ) 'ତପସ୍ୱିନୀ' କାବ୍ୟର ତୃତୀୟ ସର୍ଗ ଅବଲମ୍ବନରେ ରାଜଧର୍ମର ସ୍ୱରୂପ ବିଶ୍ଳେଷଣ କର ।

ଖ) ଏକ ଚତୁର୍ଦ୍ଦଶପଦୀ କବିତାଭାବେ 'ବିଚ୍ଛେଦେ' କବିତାର ମୂଲ୍ୟାଙ୍କନ କର ।

ଗ) ବିଭୁପ୍ରେମ ଓ ମାନବ ପ୍ରେମର ଅପୂର୍ବ ସମନ୍ୱୟ ହେଉଛି 'ଶେଫାଳି ପ୍ରତି' କବିତା – ଏହାର ସତ୍ୟତା ପ୍ରତିପାଦନ କର ।

ଘ) 'ବିରହୀ ଘନ' କବିତାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କର ।

ଙ) 'କର୍ଣ୍ଣ ହେଉଛି ଏକ ସାର୍ଥକ ମିଥ୍‌ଧର୍ମୀ କବିତା' – ଉକ୍ତିଟିର ଯଥାର୍ଥ୍ୟ ବିଚାର କର ।

କିମ୍ବା

"ପଲ୍ଲୀ ଜୀବନର ନିଖୁଣ ଚିତ୍ର 'ଗ୍ରାମପଥ' କବିତାକୁ 'ମାଟିର କବିତା'ରେ ରୂପାନ୍ତରିତ କରିଛି" – ଉକ୍ତିଟିର ସତ୍ୟତା ବିଚାର କର ।

–୦–

**APRIL,2026**

## ଓଡ଼ିଆ ନାଟକ ଓ ଏକାଙ୍କିକା

ସମୟ -୩ ଘଣ୍ଟା                                        ପୂର୍ଣ୍ଣସଂଖ୍ୟା- ୧୦୦

*ନିର୍ଦ୍ଦେଶ ଅନୁସାରେ ପ୍ରଶ୍ନଗୁଡିକର ଉତ୍ତର ପ୍ରଦାନ କରନ୍ତୁ ।*

**କ- ବିଭାଗ**

**୧ .ଠିକ୍ ଉତ୍ତର ଚୟନ କରି ଶୁନ୍ୟସ୍ଥାନ ପୂରଣ କର ଏବଂ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।** **(୧×୧୦=୧୦)**

କ. 'ବାବାଜୀ' ନାଟକ _______ ମସିହାରେ ରଚିତ ହୋଇଥିଲା । (୧୮୭୭, ୧୮୮୮, ୧୮୯୭, ୧୮୯୮)

**ବା**

'ପରକଲମ'ର ରଚନା କାଳ ହେଉଛି _____________ । (୧୯୫୮,୧୯୫୪,୧୯୭୨,୧୯୭୫)

ଖ. ସୁବଳ ପଟ୍ଟନାୟକ ଯଶୁ ଭଟ୍ଟାଚାର୍ଯ୍ୟଙ୍କ ସହିତ _______ ଭାଷାରେ କଥାବାର୍ତ୍ତା ହେଉଥିଲେ।
(ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଇଂରାଜୀ)

**ବା**

ଆଚାର୍ଯ୍ୟ ମହାଶୟ ବ୍ୟବହାର କରିଥିବା_______ ଶବ୍ଦ ଆପତ୍ତିଜନକ ବୋଲି ଶର୍ମା ଅଭିଯୋଗ କରିଛନ୍ତି ।
(ଫାର୍ଶ, ନାଟକ, ହରଣ, ମରଣ)

ଗ. ମହାତ୍ମା ଚୈତନ୍ୟଙ୍କ ଅନ୍ୟନାମ ______ ବୋଲି ବାବାଜୀ କହିଲେ। (ଗୌରାଙ୍ଗ, ସନାତନ, ଜୀବ, ରୂପ )

**ବା**

ସେବତୀ _______ଙ୍କୁ ଭଲ ପାଉଥିଲା । (ମକୁନ୍ଦ, ଶଶି, ରାଧୁ, ବିଜୟ)

ଘ. 'ଈଶ୍ୱର ଜଣେ ଯୁବକ'ରେ ଯୁବକଙ୍କ ପ୍ରେମିକା ହେଉଛନ୍ତି _________ । (ଉଷା, ରେଣୁ, ହୀରା, ଚାନ୍ଦ)

**ବା**

'ସାଗର ମନ୍ଥନ' ନାଟକରେ _______ଟି ଅଙ୍କ ରହିଛି । (୨, ୩, ୪, ୫)

ଙ. ରେଣୁ ହେଉଛି ଯୁବକଙ୍କ_________ । (ପ୍ରେମିକା, ଭଉଣୀ, ମାଆ, ଜେଜେମା')

**ବା**

ଦୁର୍ଗାପ୍ରସନ୍ନଙ୍କ ପୁଅର ନାମ____________ । (ଅଜିତ୍, ବିକାଶ, ଅବଧୂତ, ଅବନୀ)

ଚ. ଯୁବକଙ୍କ ବାପା ତିରିଶ ବର୍ଷର ଚାକିରୀ ପରେ________ ଟଙ୍କା ସଂଚୟ କରିଛନ୍ତି ।
(ଦଶହଜାର, ପାଞ୍ଚହଜାର, ଏକ ଶହ, ଅଣତିରିଶ )

**ବା**

'ସାଗର ମନ୍ଥନ' ନାଟକରେ _______ ଟି ଅଙ୍କ ରହିଛି । (୩, ୪, ୫, ୬)

ଛ. 'ରାଜାରାଣୀ ଉପାଖ୍ୟାନ'ର ମୁଖ୍ୟ ନାୟିକା ହେଉଛନ୍ତି ଜଣେ _______ । (ନାରୀ, କିନ୍ନର, ପୁରୁଷ, ଗନ୍ଧର୍ବ)

**ବା**

'କୋକୁଆ' ଏକ ________ଭିତ୍ତିକ ନାଟକ । ( ବିଜ୍ଞାନ, ଇତିହାସ, ମିଥ, ଜାତି-ସମସ୍ୟା)

ଜ. ନବୀନ ହେଉଛନ୍ତି _______ଙ୍କ ବାପା। (ରତୁ, ସୋନୁ, ନିଗମ, ଗୁଡୁ)

**ବା**

ଦାମ ମାଝୀର ପୁଅ ହେଉଛି_________ ।(ଅଜୟ ମାରାଣ୍ଡି, ଅତନୁ, ଦାମ, ଶିବୁ)

ଝ. 'ଅନ୍ୟ ଏକ ଶ୍ରବଣକୁମାର' ରେ ସାମ୍ବାଦିକଙ୍କ ନାମ ହେଉଛି_______ ।
(ସମ୍ପଦ ମହାନ୍ତି, ଶ୍ରବଣ କୁମାର, ସନାତନ, ମୋକ୍ଷଦା)

ଞ. 'ପାହାଡ଼ର ଆତ୍ମକଥା'ରେ_______ଙ୍କୁ ସୁପରମ୍ୟାନ ବୋଲି କୁହାଯାଇଛି । (ପୀତବାସ, ପାର୍ଥ, ଚାକର, ରୂପରଞ୍ଜନ)

**ଖ- ବିଭାଗ**

**୨. ସମସ୍ତ ପ୍ରଶ୍ନର ଉତ୍ତର ଦିଅ । (୫୦ଟି ଶବ୍ଦରେ)** **(୨×୯=୧୮)**

କ. ମାଳତୀ ମହନ୍ତଙ୍କ ପାଖରେ କ'ଣ କରୁଥିଲା ? **ବା** ଗୀତା କିଏ ଓ କାହାକୁ ବିବାହ କରିଛନ୍ତି ?

ଖ. ରାଧୀ କାହିଁକି ଅଚେତ ହୋଇ ପଡ଼ିଛି ? **ବା** ଗୋପାଳ ଛୋଟରାୟଙ୍କ ରଚିତ ଚାରୋଟି ନାଟକର ନାମ ଲେଖ ।

ଗ. ସଭିଏଁ ବାବାଜୀଙ୍କୁ କାହିଁକି ସିଦ୍ଧ ପୁରୁଷ ବୋଲି ଭାବିଛନ୍ତି ? **ବା** 'ପରକଲମ'ର ସୀତାଙ୍କ ପରିଚୟ ପ୍ରଦାନ କର ।

ଘ. ରେବା ଦାସ କାହିଁକି ଚାକିରି ହରାଇଲା ? **ବା** ସୁତ୍ରଧର କେଉଁ ସବୁ ଭୂମିକାରେ ଅଭିନୟ କରିଛନ୍ତି ?

ଙ. ସଂଧ୍ୟା ଦାସର ମୃତ୍ୟୁ ପାଇଁ କରୁଣା କି ଭଳି ଦାୟୀ ? **ବା** ଯୁବକ କାହିଁକି ନିଜର ସାନ ଭାଇକୁ ପ୍ରଥମ ଶତ୍ରୁ ବୋଲି କହିଛି ?

ଚ. ନାଟ୍ୟକାର ନାରାୟଣ ସାହୁଙ୍କର ଚାରିଗୋଟି ନାଟକର ନାମ ଲେଖ ।

**ବା**

'କୋକୁଆ'ର ନାଟ୍ୟକାର କିଏ ? ତାଙ୍କର ଅନ୍ୟ ଚାରିଗୋଟି ନାଟକର ନାମ ଲେଖ ।

ଛ. ନିଗମ କିଏ ଓ ସେ କାହାକୁ ଭଲ ପାଉଥିଲା ? **ବା** ମନିକାର ପରିଚୟ ପ୍ରଦାନ କର ।

ଜ. 'ତୁମେ ମୋ ଡାଡୀଙ୍କ ପଇସାରେ ମୋ ପାଇଁ କିଣା ହୋଇଥିବା ଏକ ଦାମୀ ଖେଳନା', ଏହା କିଏ, କାହାକୁ କେଉଁ ପରିପ୍ରେକ୍ଷୀରେ କହିଛନ୍ତି ?

ଝ. ଡାକ୍ତର ପାର୍ଥଙ୍କ ପରିଚୟ ପ୍ରଦାନ କର।

## ଗ- ବିଭାଗ

**୩. ୮ଟି ପ୍ରଶ୍ନର ଉତ୍ତର ୨୫୦ ଶବ୍ଦରେ ପ୍ରଦାନ କର ।** **(୫×୮=୪୦)**

କ. ଆନନ୍ଦ ପଣ୍ଡାର ଚରିତ୍ର ଚିତ୍ରଣ କର | **ବା** ମନ୍ଦର ମହାନ୍ତିଙ୍କ ଚରିତ୍ର ଚିତ୍ରଣ କର |

ଖ. 'ବାବାଜୀ' ନାଟକରେ ଅନ୍ଧବିଶ୍ୱାସ ଏବଂ କୁସଂସ୍କାର ବିରୁଦ୍ଧରେ ନାଟ୍ୟକାର କିଭଳି ପ୍ରୟାସ କରିଛନ୍ତି?

**ବା**

ଆଦର୍ଶବାଦୀ ନେତା ଭାବରେ ରାଜେନ୍ଦ୍ରଙ୍କ ବ୍ୟକ୍ତିତ୍ୱ ଆକଳନ କର ।

ଗ. 'ସାଗର ମନ୍ଥନ'ରେ ଶୀଲା ଚରିତ୍ରର ବୈଶିଷ୍ଟ୍ୟ ଆକଳନ କର।

**ବା**

'ଈଶ୍ୱର ଜଣେ ଯୁବକ'ରେ ପିତାଙ୍କର ଅସହାୟତା ପ୍ରତିପାଦନ କର ।

ଘ. ବିକାଶ କିଏ ଏବଂ ସଂଧ୍ୟା ଦାସ ସହିତ ତାହାର କି ସଂପର୍କ ଥିଲା ?

**ବା**

'ଈଶ୍ୱର ଜଣେ ଯୁବକ'ରେ ଈଶ୍ୱରଙ୍କ ଭୂମିକା କ'ଣ ଥିଲା?

ଙ. ପିତା ଭାବରେ ନବୀନଙ୍କ ମାନସିକ ଦ୍ୱନ୍ଦ୍ୱ 'ରାଜାରାଣୀ ଉପାଖ୍ୟାନ' ଅଧାରରେ ଆଲୋଚନା କର।

**ବା**

ଶ୍ୟାମାନନ୍ଦଙ୍କ ଚରିତ୍ର ଚିତ୍ରଣ କର I

ଚ. ବିଜୟ ଚରିତ୍ରର ବୈଶିଷ୍ଟ୍ୟ ବିଚାର କର ।

**ବା**

ଇନିସ୍‌ପେକ୍ଟର ଅତନୁର ମାନସିକ ଦ୍ୱନ୍ଦ୍ୱ ଓ ଅସହାୟତାର ବିଭିନ୍ନ ଦିଗ ଉପରେ ଆଲୋଚନା କର ।

ଛ. ନିଗମ ଓ ସୋନୁ ପ୍ରେମ କାହାଣୀର ଉତ୍‌ଥାନ ପତନ ସମ୍ବନ୍ଧରେ ଆଲୋକପାତ କର ।

**ବା**

ଅଜୟ ମାରାଣ୍ଡି ଓ ମନିକାଙ୍କ ଜୀବନ, ପ୍ରେମ ଓ ପରିଣତି ବିଷୟରେ ଆଲୋଚନା କର।

ଜ. ପଠିତ ଏକାଙ୍କିକା ଅବଲମ୍ବନରେ ସୁରେନ୍ ମହାନ୍ତିଙ୍କ ନାଟ୍ୟ ସଫଳତା ବିଚାର କର ।

ଝ. 'ଅନ୍ୟ ଏକ ଶ୍ରବଣକୁମାର' ଆଧାରରେ ସମ୍ବିତ ମହାପାତ୍ରଙ୍କ ଅସହାୟବୋଧ ଆକଳନ କର ।

ଞ. ପଠିତ ବିଷୟ ଅବଲମ୍ବନରେ ନାଟ୍ୟକାର ରତ୍ନାକର ଚଇନି ସଫଳତା ବିଚାର କର ।

## ଘ-ବିଭାଗ

**୪. ୪ଟି ପ୍ରଶ୍ନର ଉତ୍ତର ୮୦୦ ଶବ୍ଦରେ ପ୍ରଦାନ କର ।** **(୮×୪= ୩୨ )**

କ. 'ବାବାଜୀ' ଏକ କାଳଜୟୀ ନାଟକ - ଏହି ଉକ୍ତିର ଯଥାର୍ଥତା ଦର୍ଶାଅ ।

**ବା**

ପ୍ରଥମ ଓଡ଼ିଆ ରାଜନୀତି ଭିତ୍ତିକ ନାଟକ ଭାବରେ 'ପରକଲମ'ର ସଫଳତା ଆକଳନ କର ।

ଖ. ମାନସତତ୍ତ୍ୱିକ ନାଟକ ଭାବରେ 'ସାଗର ମନ୍ଥନ'ର ସାର୍ଥକତା ପ୍ରତିପାଦନ କର ।

**ବା**

'ଈଶ୍ୱର ଜଣେ ଯୁବକ' ନାଟକରେ ସାମାଜିକ ସମସ୍ୟାଗୁଡ଼ିକ କିପରି ପ୍ରତିଫଳିତ ହୋଇଛି, ବିଚାର କର ।

ଗ. ତୃତୀୟ ଲିଙ୍ଗୀ ସଂପ୍ରଦାୟର ବିଭିନ୍ନ ସମସ୍ୟା କିଭଳି 'ରାଜାରାଣୀ ଉପାଖ୍ୟାନ' ନାଟକରେ ଉତ୍ଥାପିତ ହୋଇଛି, ଆଲୋଚନା କର।

**ବା**

ଆଧୁନିକ ସମାଜ-ସଂଘର୍ଷର କାହାଣୀ ହେଉଛି 'କୋକୁଆ' - ବିଚାର କର I

ଘ. 'ବାବାଜୀ' କିମ୍ବା 'ପରକଲମ' ନାଟକରେ ତତ୍କାଳୀନ ସାମାଜିକ ଚିତ୍ର କିଭଳି ପ୍ରତିଫଳିତ ହୋଇଛି, ଆଲୋଚନା କର।

**ବା**

'ଅନ୍ୟ ଏକ ଶ୍ରବଣକୁମାର'- ନାମକରଣର ଯାଥାର୍ଥ୍ୟ ପ୍ରତିପାଦନ କର ।।

*************************

**+3 4th SEM (NEP)**
**ODI-C-1P - 10 (MAJ)**

**April,2026**

# ଓଡ଼ିଆ କଥା ସାହିତ୍ୟ

ପୂର୍ଣ୍ଣସଂଖ୍ୟା : ୧୦୦ ସମୟ : ୩.୦୦ ଘ.

## (କ – ବିଭାଗ)

**ନଂ.୧. ଗୋଟିଏ ଶବ୍ଦ ବା ବାକ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ ।** **(୧x୧୦=୧୦)**

କ) 'ଲଛମା' ଉପନ୍ୟାସରେ ବାଲେଶ୍ୱରର କେଉଁ ଦୁର୍ଗର କଥା ବର୍ଣ୍ଣିତ ହୋଇଛି ?

ଖ) 'ଆଜିର ମଣିଷ' ଉପନ୍ୟାସ ପ୍ରଥମେ ............ ନାମରେ ଲେଖା ହୋଇଥିଲା ?

ଗ) 'ଦାଦିବୁଢ଼ା' ଉପନ୍ୟାସ କେତେ ମସିହାରେ ପ୍ରକାଶ ପାଇଥିଲା ?

ଘ) 'ରେବତୀ' ପୂର୍ବରୁ ଫକୀରମୋହନ କେଉଁ ଗଳ୍ପ ରଚନା କରିଥିଲେ ?

ଙ) ବେଣୁଧର କେଉଁ ଗ୍ରାମର ଯୁବକ ଥିଲା ?

ଚ) 'ଶିକାର' ଗଳ୍ପ ପ୍ରଥମେ ............ ପତ୍ରିକାରେ ପ୍ରକାଶିତ ହୋଇଥିଲା ?

ଛ) ଅଶୋକ କେଉଁ ବିଶ୍ୱବିଦ୍ୟାଳୟର ଛାତ୍ର ଥିଲେ ?

ଜ) ମେଡ଼େଲ ତିଆରି କରିବା ପାଇଁ କୃଷ୍ଣଚନ୍ଦ୍ର କେତେ ଟଙ୍କା ଖର୍ଚ୍ଚ କରିଥିଲେ ?

ଝ) ନନ୍ଦଦୁଲାଲ କେତେବର୍ଷ ପରେ ଓଡ଼ିଶା ଫେରୁଥିଲେ ?

ଞ) ପାଟଦେଇ ପୁଅ କାନ୍ଦୁଥିବାର ଦେଖି କ'ଣ କହିଲା ?

## (ଖ – ବିଭାଗ)

**ନଂ.୨. ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ୫୦ଟି ଶବ୍ଦ ମଧ୍ୟରେ ଲେଖ ।** **(୨ x ୯=୧୮)**

କ) 'ଲଛମା' ଉପନ୍ୟାସ କେଉଁ ଐତିହାସିକ ପୃଷ୍ଠଭୂମି ଉପରେ ରଚିତ ?

ଖ) 'ଡୁମା' କ'ଣ କରେ ବୋଲି ଆଦିବାସୀମାନେ ବିଶ୍ୱାସ କରନ୍ତି ?

ଗ) ବିକଳା ବାରିକର ଝିଅ ଉଷା କିପରି ରୂପରାଇଜର ରୂପସୀ ହେଲା ?

ଘ) ନୀଳାମ୍ବର ପୂବେଇ ଝଡ଼ର କେଉଁ ରୁଦ୍ର ସୁନ୍ଦର ଦୃଶ୍ୟ ଦର୍ଶନ କରିଥିଲେ ?

ଙ) ବାସୁଦେବ ପିଲାମାନଙ୍କୁ ନେଇ କାହିଁକି କେଉଁଠାକୁ ଯାଇଥିଲା ?

ଚ) ଘିନୁଆ ପ୍ରାଣଦଣ୍ଡର ଅର୍ଥ କାହିଁକି ବୁଝିପାରିଲା ନାହିଁ ?

ଛ) ଭଦ୍ରଲୋକ ଅଶୋକଙ୍କୁ କ'ଣ ଭିକ୍ଷା କରିଥିଲେ ?

ଜ) କୃଷ୍ଣଚନ୍ଦ୍ରଙ୍କୁ ସୁନା ମେଡ଼େଲ ପାଇବାର ଲାଳସା କାହିଁକି ରହିଥିଲା ?

ଝ) ପାଟ ଗାଁକୁ ଫେରିଆସି ମୁରବୀମାନଙ୍କୁ ପୁଅର ବାପ ବିଷୟରେ କ'ଣ କହିଛି ?

## (ଗ – ବିଭାଗ)

**ନଂ.୩. ଯେକୌଣସି ଆଠଟି ପ୍ରଶ୍ନର ଉତ୍ତର ୨୫୦ଟି ଶବ୍ଦ ମଧ୍ୟରେ ଲେଖ ।** **(୫ x ୮=୪୦)**

କ) 'ଲଛମା' ଏକ ଐତିହାସିକ ରୋମାନ୍ସଧର୍ମୀ ଉପନ୍ୟାସ – ସଂକ୍ଷେପରେ ଆଲୋଚନା କର ।

ଖ) କେଉଁଠାରେ ଓ କିପରି ଗୌରୀ ଓ ସାବିତ୍ରୀ ଉପରେ ଆକ୍ରମଣ ହୋଇଥିଲା ?

ଗ) 'ଦାଦିବୁଢ଼ା' ଉପନ୍ୟାସ ଭିତ୍ତିରେ ଆଦିବାସୀଙ୍କ ଦେବତାପ୍ରୀତି କିପରି ପ୍ରକାଶ ପାଇଛି, ଆଲୋଚନା କର ।

ଘ) କେଉଁ ଘଟଣା ମୁକ୍ତାପୁର ଗାଁର ବିବେକକୁ ଆଲୋଡ଼ିତ କରିଥିଲା ?

ଙ) କେତେବେଳେ ଓ କିପରି ବୁଢ଼ୀ ରେବତୀକୁ ଗାଳି ଦେବା ଆରମ୍ଭ କରିଛି ?

ଚ) ସିରେଇ ଗ୍ରାମର ସାହାଯ୍ୟ କେନ୍ଦ୍ରକୁ କାହିଁକି ବିରାଟ ଯାଦୁଘର ବୋଲି କୁହାଯାଇଛି ?

ଛ) ଗୋବିନ୍ଦ ସରଦାର ସମ୍ବନ୍ଧରେ ଘିନୁଆ କ'ଣ କହିଛି ?

ଜ) ମଞ୍ଜୁ ସମ୍ପର୍କରେ ଭଦ୍ର ମହିଳାଙ୍କ କେଉଁ ଧାରଣା ବଳବତ୍ତର ହୋଇ ରହିଥିଲା ?

ଝ) 'କଳାପର୍ଦ୍ଦାର ଆରପଟେ' ଗଳ୍ପର କେନ୍ଦ୍ରୀୟ ବାର୍ତ୍ତା କ'ଣ ?

ଞ) 'ଗୋପପୁର' ଗଳ୍ପର ଭାବବସ୍ତୁ ଆଲୋଚନା କର ?

## (ଘ - ବିଭାଗ)

**ନଂ.୪. ପ୍ରଶ୍ନଗୁଡ଼ିକର ଉତ୍ତର ୮୦୦ଟି ଶବ୍ଦ ମଧ୍ୟରେ ଲେଖ ।** **(୮ x ୪=୩୨)**

କ) 'ଲଛମା' ଉପନ୍ୟାସର ଐତିହାସିକ ମୂଲ୍ୟବୋଧ ନିରୂପଣ କର ।

କିମ୍ବା

ଏକ ପ୍ରଚାରଧର୍ମୀ ଉପନ୍ୟାସଭାବେ 'ଆଜିର ମଣିଷ' ଉପନ୍ୟାସର ମୂଲ୍ୟାଙ୍କନ କର ।

ଖ) "'ଦାଦିବୁଢ଼ା' ଉପନ୍ୟାସ ଆଦିବାସୀମାନଙ୍କ ବିଶ୍ୱାସବୋଧ ଓ ଈଶ୍ୱରପ୍ରୀତିର ଏକ ଉଜ୍ଜ୍ୱଳ ଇସ୍ତାହାର" – ଉକ୍ତିଟିର ଯଥାର୍ଥ୍ୟ ବିଚାର କର ।

କିମ୍ବା

'କାଳାନ୍ତର' ଉପନ୍ୟାସର ନାମକରଣର ସାର୍ଥକତା ପ୍ରତିପାଦନ କର ।

ଗ) 'ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ହେଉଛି ବେଣୁଧର' - ପଠିତ ଗଳ୍ପଭିତ୍ତିରେ ଉକ୍ତିଟିର ସତ୍ୟତା ବିଚାର କର ।

କିମ୍ବା

ମନସ୍ତାତ୍ତ୍ୱିକ ଚେତନାଧର୍ମୀ ଗଳ୍ପ ଭାବେ 'ଡିମିରିଫୁଲ' ଗଳ୍ପର ସଫଳତା ନିର୍ଦ୍ଧାରଣ କର ।

ଘ) 'ସୁନା ମେଡ଼େଲ' ଗଳ୍ପରେ ସାମନ୍ତବାଦର ପୁରାତନ ଗୌରବକୁ କିଭଳି ବ୍ୟଙ୍ଗ କରାଯାଇଛି – ବ୍ୟାଖ୍ୟା କର ।

କିମ୍ବା

'ଗୋପପୁର' ଗଳ୍ପରେ ସାଧାରଣ ମାନବ ଜୀବନର ପରାଜୟ, ଗ୍ଲାନି ଓ ଅସଫଳତାକୁ ଅତିକ୍ରମ କରି ଆନନ୍ଦ ଓ ଆଲୋକର ଅଭିଳାଷ କିଭଳି ଦାର୍ଶନିକ ସ୍ତରରେ ପ୍ରକାଶ ପାଇଛି, ଆଲୋଚନା କର ।

–୦–

**APRIL, 2026**

# ସାହିତ୍ୟର ସ୍ୱରୂପ

ସମୟ -୩ ଘଣ୍ଟା                                                  ପୂର୍ଣ୍ଣସଂଖ୍ୟା- ୧୦୦

*ନିର୍ଦ୍ଦେଶ ଅନୁସାରେ ପ୍ରଶ୍ନଗୁଡିକର ଉତ୍ତର ପ୍ରଦାନ କରନ୍ତୁ ।*

## କ- ବିଭାଗ

**୧. ଠିକ୍ ଉତ୍ତର ଚୟନ କରି ଶୁନ୍ୟସ୍ଥାନ ପୂରଣ କର ଏବଂ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।** **(10x1)**

କ. ପଦ୍ୟ ଓ ଗଦ୍ୟ ମିଶ୍ରିତ କାବ୍ୟ କାବ୍ୟକୁ_________ କୁହାଯାଏ। (ମୁକ୍ତକ , ଚମ୍ପୁ, ମହାକାବ୍ୟ, ସର୍ଗ )

ଖ. କାବ୍ୟର ଆରମ୍ଭରେ ଥିବା ଖଳ ନିନ୍ଦା ଏବଂ ଇଷ୍ଟ ସ୍ତୁତିକୁ _______ କୁହାଯାଏ ।
(ମଙ୍ଗଳାଚରଣ, ଛାନ୍ଦ, ସର୍ଗ, ଶୃଙ୍ଗାର ରସ )

ଗ. କୌଣସି ଜନପ୍ରିୟ କାହାଣୀ ବା କିମ୍ବଦନ୍ତୀକୁ ଆଧାର କରି ରଚିତ ଗାନଯୋଗ୍ୟ କବିତାକୁ ______ କୁହାଯାଏ।
( ଗାଥା କବିତା, ଶୋକଗୀତିକା, ସମ୍ବୋଧନ ଗୀତିକା,ଭଜନ )

ଘ. ଗଦ୍ୟ ସାହିତ୍ୟର __________ ବିଭାଗକୁ କଥାକବିତା ବା Lyric in Prose କୁହାଯାଏ ।
(ଉପନ୍ୟାସ, ଭ୍ରମଣ କାହାଣୀ,କ୍ଷୁଦ୍ରଗଳ୍ପ, ଆତ୍ମଜୀବନୀ)

ଙ. ଫକୀର ମୋହନ ସେନାପତିଙ୍କ 'ଛ'ମାଣ ଆଠଗୁଣ୍ଠ' _________ ଶ୍ରେଣୀର ଉପନ୍ୟାସ।
( ବୈଜ୍ଞାନିକ, ଐତିହାସିକ, ଆତ୍ମଜୀବନୀମୂଳକ, ସାମାଜିକ)

ଚ . ଇଟାଲୀୟ ଶବ୍ଦ Novella ର ଅର୍ଥ ହେଉଛି___________ ।
(ସାହିତ୍ୟ, ନୂଆ କଥା, ବିପରିତ, ଅବୋଧ)

ଛ. 'ନାଟ୍ୟଶାସ୍ତ୍ର'ର ରଚୟିତା ହେଉଛନ୍ତି ________ ।
(ଭରତ ମୁନି, ଧନଞ୍ଜୟ, ଆନନ୍ଦ ବର୍ଦ୍ଧନ, କାଳିଦାସ )

ଜ. ଦୃଶ୍ୟ କାବ୍ୟ କହିଲେ _______ କୁ ବୁଝାଏ I(କ୍ଷୁଦ୍ରଗଳ୍ପ, ଉପନ୍ୟାସ, କବିତା, ନାଟକ)

ଝ. ଫ୍ରେଞ୍ଚ ଶବ୍ଦ Essais ର ଅର୍ଥ ହେଉଛି ______ ।(ଚେଷ୍ଟା କରିବା, ହସକଥା, ଗୀତ ଗାଇବା, ଦୀର୍ଘ ସାହିତ୍ୟ)

ଞ. _________ପ୍ରକାର ସାହିତ୍ୟରେ ଆତ୍ମସମର୍ଥନ ଏକ ମୁଖ୍ୟ ବିଭାବ ଅଟେ ।
( ଆତ୍ମଜୀବନୀ, ଜୀବନୀ ସାହିତ୍ୟ, କ୍ଷୁଦ୍ରଗଳ୍ପ, ଉପନ୍ୟାସ)

## ଖ- ବିଭାଗ

**୨. ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।(୫୦ଟି ଶବ୍ଦରେ)** **(9x2)**

କ. ଖଣ୍ଡକାବ୍ୟର ପ୍ରଦାନ କର ।

ଖ. ମୁକ୍ତକ କହିଲେ କ'ଣ ବୁଝ ?

ଗ. ସମ୍ବୋଧନଗୀତିକା(Ode)ର ସଂକ୍ଷିପ୍ତ ସଂଜ୍ଞା ପ୍ରଦାନ କର ।

ଘ କ୍ଷୁଦ୍ରଗଳ୍ପ ଯେ କୌଣସି ଗୋଟିଏ ସଂଜ୍ଞା ପ୍ରଦାନ କର ।

ଙ. ଉପନ୍ୟାସର କଥାବସ୍ତୁ ବା Plot କହିଲେ କ'ଣ ବୁଝ ?

ଚ. ନାଟକର ଶ୍ରେଣୀ ବିଭାଗ ଦର୍ଶାଅ।

ଛ. ଏକଙ୍କିକାର କଥାବସ୍ତୁ କିପରି ଗତିଶୀଳ ହୋଇଥାଏ ?

ଜ. ଭ୍ରମଣ କାହାଣୀ ଲକ୍ଷଣ ଦର୍ଶାଅ ।

ଝ. ରମ୍ୟ ରଚନାର ମୁଖ୍ୟ ଧର୍ମ କ'ଣ ?

## ଗ- ବିଭାଗ

**୩. ୮ଟି ପ୍ରଶ୍ନର ଉତ୍ତର ୨୫୦ ଶବ୍ଦରେ ପ୍ରଦାନ କର ।** **(8x5)**

କ. ସନେଟ ବା ଚତୁର୍ଦ୍ଦଶପାଦୀ କବିତା ସଂଜ୍ଞା ଓ ପ୍ରକାର ଭେଦ ଲେଖ ।

ଖ. ମହାକାବ୍ୟର ସଂଜ୍ଞା ନିରୁପଣ କର ।

ଗ. ଗାଥାକବିତା (Ballad) କ'ଣ ବୁଝାଅ ଏବଂ କେତୋଟି ଓଡିଆ ଗାଥାକବିତାର ଉହାହରଣ ପ୍ରଦାନ କର।

ଘ. ଉପନ୍ୟାସର ବର୍ତ୍ତୁଳ (Round) ଏବଂ ସରଳ ଚରିତ୍ର ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ ?

ଙ. ଉପନ୍ୟାସର ଗଠନର ମୁଖ୍ୟ ଉପାଦାନ ଉପରେ ଆଲୋକପାତ କର ।

ଚ. ନାଟକକୁ କାହିଁକି ମିଶ୍ରକଳା ବା Composite Art କୁହାଯାଏ, ବୁଝାଅ।

ଛ. ଏକାଙ୍କିକାର ସଂଜ୍ଞା ଓ ସ୍ୱରୂପ ଅବଗତ କରାଅ ।

ଜ. ଭ୍ରମଣ କାହାଣୀ କାହାକୁ କୁହାଯାଏ ? ଭ୍ରମଣ କାହାଣୀ ରଚନାର ମୂଳ ଉଦ୍ଦେଶ୍ୟ କ'ଣ ?

ଝ. ରମ୍ୟ ରଚନା କ'ଣ, ବୁଝାଅ ।

ଞ. ଜୀବନୀ ଓ ଆତ୍ମଜୀବନୀ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ ।

## ଘ-ବିଭାଗ

**୪. ୪ଟି ପ୍ରଶ୍ନର ଉତ୍ତର ୮୦୦ ଶବ୍ଦରେ ପ୍ରଦାନ କର ।** **(4x8)**

କ. ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ ଅନୁସାରେ କାବ୍ୟର ସଂଜ୍ଞା ପ୍ରଦାନ କର ଓ କାବ୍ୟର ପ୍ରକାର ଭେଦ ଦର୍ଶାଅ ।

ଖ. କ୍ଷୁଦ୍ରଗଳ୍ପର ସଂଜ୍ଞା, ସ୍ୱରୂପ ଏବଂ ପ୍ରକାର ଭେଦ ଦର୍ଶାଅ ।

ଗ. ନାଟକର ବିଭିନ୍ନ ସଂଜ୍ଞା ପ୍ରଦାନ କର ଓ ନାଟକର ଗଠନରୀତି ସମ୍ବନ୍ଧରେ ଆଲୋଚନା କର ।

ଘ. କବିତାର ସଂଜ୍ଞା ପ୍ରଦାନ କର ଏବଂ କବିତାର ଆଙ୍ଗିକ ଓ ଆତ୍ମିକ ଦିଗ ଉପରେ ଆଲୋକପାତ କର ।

ଙ. ପ୍ରବନ୍ଧର ସଂଜ୍ଞା, ସ୍ୱରୂପ ଏବଂ ପ୍ରକାର ଭେଦ ସମ୍ବନ୍ଧରେ ଆଲୋଚନା କର ।

*************************